## ମତଦାତା ଯାଞ୍ଚ କାର୍ଯ୍ୟକ୍ରମର ସମୀକ୍ଷା ।

ଜିଲ୍ଲାରେ ଚଳିତ ମାସ ୧ ତାରିଖରୁ ଚାଲୁଥିବା ମତଦାତା ଯାଞ୍ଚ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱରେ ଥିବା ଇଲେକ୍ଟୋରାଲ ରୋଲ୍ ପର୍ଯ୍ୟବେକ୍ଷକ, ଇନିସ୍ପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରାର ଶ୍ରୀ ପି କେ ସେନାପତି ଆଜି ଅନୁଗୋଳ ଗସ୍ତରେ ଆସି ଏହି କାର୍ଯ୍ୟକ୍ରମକୁ ସମୀକ୍ଷା କରିଛନ୍ତି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ଯୋଗ ଦେଇ ମତଦାତା ଯାଂଚ କାର୍ଯ୍ୟକ୍ରମର ସମୟ ସୀମା ୧୫ ଅକ୍ଟୋବର ସୁଦ୍ଧା ସମସ୍ତ ଯାଂଚ କାର୍ଯ୍ୟ ସାରିବା ସହ ସଂଗ୍ରହ ହୋଇଥିବା ମତଦାତାଂକ ଡକୁମେଣ୍ଟସ୍ ଗୁଡିକୁ ଇ ଆର ଓ ୱେବସାଇଟ୍‌ରେ ତୁରନ୍ତ ଅପ୍ ଲୋଡ କରିବାକୁ ପରାମର୍ଶ ଦେଇଛନ୍ତି । ପରେ ପର୍ଯ୍ୟବେକ୍ଷକ ହୁଲୁରୁସିଙ୍ଗା ପ୍ରାଥମିକ ବିଦ୍ୟାଳୟ ଓ ଉତ୍ତରପଡା ନୋଡାଲ ବିଦ୍ୟାଳୟର ବିଭିନ୍ନ ବୁଥ୍ ପରିଦର୍ଶନ କରି ଯାଂଚ କାର୍ଯ୍ୟକୁ ଅନୁଧ୍ୟାନ କରିବା ସହ ବି ଏଲ୍ ଓ ମାନଂକ ସହ ଆଲୋଚନା କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଆଠମଲ୍ଲିକ ଉପଜିଲ୍ଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ,ପାଲଲହଡା ଉପଜିଲ୍ଲାପାଳ ଶ୍ରୀ ଅଜିତ୍ କୁମାର ପ୍ରଧାନ,ତାଳଚେର ଉପଜିଲ୍ଲାପାଳ ଶ୍ରୀ ପରେଶ ଚନ୍ଦ୍ର ନାୟକ, ଡେପୁଟୀ କଲେକ୍ଟର ଶ୍ରୀ ଲମ୍ବୋଦର ମାରାଣ୍ଡିଙ୍କ ସମେତ ସମସ୍ତ ତହସିଲଦାରମାନେ ଯୋଗ ଦେଇଥିଲେ ।



